

# ୩୨

# ଭାରତ ସମାଜରେ ମହିଳାଙ୍କ ପ୍ରସ୍ଥିତି : ଏକ ସାମାଜିକ ଐତିହାସିକ ଦୃଷ୍ଟିପାତ

# (Status of Women in Indian Society : A Socio- Historical perspective)

ସାମାଜିକ ଦୃଷ୍ଟିକୋଣରୁ ମହିଳାଙ୍କ ପ୍ରସ୍ଥିତିକୁ ଜାଣିବାକୁ ହେଲେ ଭାରତୀୟ ସମାଜର ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡିକ ଯଥା-ଜାତି, ଶ୍ରେଣୀ, ପରିବାର, ବିବାହ, ଜ୍ଞାତି କୁଟୁମ୍ବ ଇତ୍ୟାଦିକୁ ଆଲୋଚନା କରିବାକୁ ହେବ । ୧୯୫୦ ମସିହାରେ ଭାରତୀୟ ସମ୍ବିଧାନ ପ୍ରଣୀତ ହୋଇଥିଲା । ଏହା କେବଳ ମହିଳା ଓ ପୁରୁଷଙ୍କୁ ସମାନ ଅଧିକାର ଦେଇନଥିଲା ବରଂ ମହିଳାଙ୍କ ବିରୁଦ୍ଧରେ କୌଣସି ଧରଣର ପ୍ରଭେଦକୁ ବାରଣ କରୁଥିଲା । ତୁମେ କ'ଣ ଜାଣ କି ପୁରୁଷ ଓ ସ୍ତ୍ରୀ ସମାନ ? ଯଦିଓ ପ୍ରକୃତପକ୍ଷେ ସେମାନେ ସମାନ ନୁହନ୍ତି । ଆମ ସମ୍ବିଧାନ ଉଭୟଙ୍କୁ ସମାନ ଅଧିକାର ଦେଇଛି । ଏହି ସମାନ ଅଧିକାର ପାଇବା ପାଇଁ ଦୁଇଶହ ବର୍ଷ ପୂର୍ବରୁ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ବୋଲି ଇତିହାସ କହେ । ବିଭିନ୍ନ ସମାଜ ସଂସ୍କାରକଙ୍କ ଅବଦାନ, ନାରୀ ଆନ୍ଦୋଳନ ଓ ଭାରତ ସମ୍ବିଧାନ ଯୋଗୁଁ ମହିଳାମାନେ ବିଭିନ୍ନ ଅସୁବିଧାରୁ ମୁକ୍ତି ପାଇଥିଲେ । କିନ୍ତୁ ବାସ୍ତବରେ ମହିଳାମାନଙ୍କର ସମସ୍ତ ସମସ୍ୟାର ସମାଧାନ ଏପର୍ଯ୍ୟନ୍ତ ହୋଇପାରିନାହିଁ । ଯାହାକି ଶହ ଶହ ବର୍ଷ ଧରି ଚାଲିଅଛି ଏବଂ ଏହି ପ୍ରଶ୍ନର ଉତ୍ତର ଦେବା ଅତି କଷ୍ଟକର ଅଟେ ।

- କେବେଠାରୁ ମହିଳାମାନେ ସେମାନଙ୍କ ପ୍ରସ୍ଥିତି ହରାଇ ବସିଲେ ?

  କିମ୍ବା

- କେଉଁମାନେ ଏହି ଅବସ୍ଥା ପାଇଁ ଦାୟୀ ?

ଆମେ ବିଭିନ୍ନ ତଥ୍ୟର ଆଧାରରେ ବିଭିନ୍ନ ସମୟରେ ହୋଇଥିବା ମହିଳାମାନଙ୍କର ଉତ୍ଥାନ ଓ ପତନ ସମ୍ବନ୍ଧରେ ଆଲୋଚନା କରିବା । ପ୍ରକୃତରେ ମହିଳାମାନଙ୍କ ପ୍ରସ୍ଥିତି ଐତିହାସିକ ଦୃଷ୍ଟିକୋଣରୁ କେବଳ ଅତୀତର ବିଭିନ୍ନ ତଥ୍ୟକୁ ନେଇ ଆଲୋଚନା କରିବା କଷ୍ଟକର । କିନ୍ତୁ କେତେକ ବିଶିଷ୍ଟ ପ୍ରମାଣଯୋଗ୍ୟ ତଥ୍ୟକୁ ବିଚାରକୁ ନେଲେ ମହିଳାମାନଙ୍କ ପ୍ରସ୍ଥିତି ବିଭିନ୍ନ ସମୟରେ କିପରି ଥିଲା ତାହା ପରବର୍ତ୍ତୀ ଅଧ୍ୟାୟଗୁଡିକରେ ଆଲୋଚନା କରିବା ।



## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପଢିଲା ପରେ ତୁମେ ନିମ୍ନଲିଖିତ ତଥ୍ୟ ଜାଣିପାରିବ ।

- ଆମ ସମାଜରେ ଘଟିଯାଇଥିବା ବିଭିନ୍ନ ସମୟର ଇତିହାସ;
- ବୈଦିକ ଯୁଗ ଓ ମହାକାବ୍ୟ ଯୁଗରେ ନାରୀମାନଙ୍କ ପ୍ରସ୍ଥିତି;
- ଧର୍ମଶାସ୍ତ୍ର ସମୟରେ ନାରୀ ପ୍ରସ୍ଥିତି;
- ମଧ୍ୟଯୁଗରେ ନାରୀମାନଙ୍କ ଅବସ୍ଥା;
- ଇଂରେଜ ଶାସନକାଳରେ ନାରୀ ପ୍ରସ୍ଥିତିରେ ହୋଇଥିବା ବିଭିନ୍ନ ପରିବର୍ତ୍ତନ;
- ଭାରତ ସ୍ୱାଧୀନତା ପରେ ନାରୀମାନଙ୍କ ପ୍ରସ୍ଥିତି ।

ଏଣୁ ନାରୀର ପ୍ରସ୍ଥିତିକୁ ପୁଙ୍ଖାନୁପୁଙ୍ଖ ଭାବେ ଜାଣିବା ପାଇଁ ଆମେ ବିଭିନ୍ନ ଯୁଗକୁ ବା ସମୟକୁ ଅଧ୍ୟୟନ କରିବା । ପ୍ରଥମରେ ଆମେ ପୁରାତନ ଯୁଗ (ancient)ରୁ ଆରମ୍ଭ କରିବା ।

## ୩୨.୧ ପ୍ରାଚୀନ ଯୁଗରେ ନାରୀ ପ୍ରସ୍ଥିତି Status of Women during the ancient period

ପ୍ରାଚୀନ କାଳରେ ମହିଳାମାନଙ୍କ ପ୍ରସ୍ଥିତିକୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇଅଛି । ଯାହାକୁ ନିମ୍ନରେ ଆଲୋଚନା କରାଗଲା ।

୧. ବୈଦିକ ଯୁଗ


୨. ମହାକାବ୍ୟ ଯୁଗ

୩. ଜୈନ ଧର୍ମ ଓ ବୌଦ୍ଧ ଧର୍ମ ଯୁଗ

୪. ଧର୍ମଶାସ୍ତ୍ର ଯୁଗ

### ୩୨.୧.୧. ବୈଦିକ ଯୁଗ (The Vedic Period)

ଆମେ ଋକ୍‌ବେଦରୁ ଭାରତର ପ୍ରାଚୀନ ଯୁଗ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ପାଇଥାଉଁ । ଖ୍ରୀଷ୍ଟପୂର୍ବ ୧୫୦୦-୧୦୦୦ ସମୟଟି ପୂର୍ବ ବୈଦିକ ବା ଋକ୍‌ବେଦ ଯୁଗ ବୋଲି ପରିଚିତ ଅଟେ । ଯଦିଓ ଏହି ଯୁଗଟି ପୁରୁଷ ଓ ନାରୀମାନଙ୍କୁ ସମାନ ଅଧିକାର ଦେଇଥିବା ତଥ୍ୟ ସମ୍ପୂର୍ଣ୍ଣ ଭାବେ ଆମ ପାଖେ ନାହିଁ, ତଥାପି କେତେକ ସୁବିଧା ସୁଯୋଗ ନାରୀମାନଙ୍କୁ ପ୍ରଦାନ କରାଯାଉଥିଲା ।



ନାରୀମାନେ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମଗୁଡିକରେ ଅଂଶଗ୍ରହଣ କରିପାରୁଥିଲେ । ଏପରିକି ସେମାନେ ସେମାନଙ୍କ ବିବାହ ପାଇଁ ଜୀବନସାଥୀ ମଧ୍ୟ ବାଛି ପାରୁଥିଲେ। ବିବାହ ମହିଳାମାନଙ୍କ ପାଇଁ ବାଧ୍ୟତାମୂଳକ ନଥିଲା। ଝିଅମାନଙ୍କୁ ଗୋଟିଏ ପାରିବାରିକ ବୋଝ କିମ୍ବା ପରିବାରର ଅନାବଶ୍ୟକ ଅତିଥି ବୋଲି ବିଚାର କରାଯାଉ ନଥିଲା ଏବଂ ବୈଦିକ ପାଠ୍ୟକ୍ରମ ପଢିବା ପାଇଁ ଝିଅମାନଙ୍କୁ ଉତ୍ସାହିତ କରାଯାଉଥିଲା।

ଋକ୍‌ବେଦ ଅନୁଯାୟୀ ଆର୍ଯ୍ୟମାନେ ପୁରୁଷ ପ୍ରଧାନ ଥିଲେ ଏବଂ ସେ ଯୁଗରେ ଜଣେ ସ୍ୱାମୀର ପ୍ରସ୍ଥିତି ସ୍ତ୍ରୀ ଠାରୁ ଉଚ୍ଚରେ ଥିଲା। ବହୁ ପତ୍ନୀ ବିବାହ ପ୍ରଥା ପ୍ରଚଳିତ ଥିଲା। ଜଣେ ବିଧବା ପୁନର୍ବିବାହ କରିପାରୁଥିଲା । ଯେମିତି ସ୍ୱାମୀର ମୃତ୍ୟୁ ପରେ ବିଧବା ସ୍ତ୍ରୀଟି ତାର ସ୍ୱାମୀର ଭାଇ (ଦିଅର)କୁ ବିବାହ କରିପାରୁଥିଲା। ଏଣୁ ଏଠାରେ ଏତିକି କୁହାଯାଇପାରେ ଯେ ବୈଦିକ ଯୁଗରେ ନାରୀମାନଙ୍କର ଏକ ସହଜ ଓ ସରଳ ସାମାଜିକ ପରିବେଶ ଥିଲା।

### ୩୨.୧.୨ ମହାକାବ୍ୟ ଯୁଗ (The period of the Epics)

ଆମେ ସମସ୍ତେ ଊଣା ଅଧିକେ ରାମାୟଣ ଓ ମହାଭାରତ ସମ୍ବନ୍ଧରେ ଜାଣିଛେ ଯାହାକି ହିନ୍ଦୁ ରୀତିନୀତି, ଆଦର୍ଶ, ପରମ୍ପରା ପ୍ରଭୃତି ଏକ ଭାରତୀୟ ନାରୀକୁ ପରିଚିତି କରାଇଥାଏ। ଏଣୁ ନାରୀର ପ୍ରସ୍ଥିତି ସମ୍ବନ୍ଧରେ ଆଲୋଚନା କଲାବେଳେ ଏହି ଦୁଇଟି ବିଖ୍ୟାତ ମହାକାବ୍ୟ ବା ଗ୍ରନ୍ଥ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ, ଯଥା ରାମାୟଣ ଓ ମହାଭାରତ । ଏହା ଆମ ଭାରତର ସମାଜ ଉପରେ ଗଭୀର ଭାବେ ପ୍ରଭାବ ପକାଇଛି। ଏବେ ମଧ୍ୟ ଆମ ସମାଜରେ ଝିଅମାନଙ୍କୁ ମହାପ୍ରଭୁ ରାମଙ୍କ ସହଧର୍ମିଣୀ ସୀତାଙ୍କ ଉଦାହରଣ ଦିଆଯାଇଥାଏ। ସୀତାଙ୍କୁ ଜଣେ ଆଦର୍ଶ ହିନ୍ଦୁ ନାରୀ ରୂପେ ବିବେଚନା କରାଯାଇଥାଏ କାରଣ ସେ ତାଙ୍କର ସମସ୍ତ ବ୍ୟକ୍ତିଗତ ଇଚ୍ଛାକୁ ପରିତ୍ୟାଗ କରି ସ୍ୱାମୀଙ୍କ ସହ ଜଙ୍ଗଲକୁ ଯାଇଥିଲେ। ଅନ୍ୟପକ୍ଷରେ ଦ୍ରୌପଦୀ ହେଉଛନ୍ତି ମହାଭାରତର ଏକ ମୁଖ୍ୟ ନାରୀ ଚରିତ୍ର ଯେକି ସ୍ୱାଧୀନତା ଓ ସାହସର ପରିଚୟ ଦେଇପାରିଥିଲେ। ଏଣୁ ରାମାୟଣର ସୀତା ଓ ମହାଭାରତର ଦ୍ରୌପଦୀ ଆମ ସମାଜରେ ଏକ ଆଦର୍ଶ ଭୂମିକା (Role model) ପ୍ରଦର୍ଶନ କରି ସାରା ପୃଥିବୀରେ ସମ୍ମାନିତ ଓ ପରିଚିତ। ମହାଭାରତରେ ଆଉ ଏକ ଆଦର୍ଶ ଚରିତ୍ର ହେଲା ଗାନ୍ଧାରୀ; ଯେ କି ତାଙ୍କ ଅନ୍ଧ ସ୍ୱାମୀଙ୍କ ପ୍ରତି ସମ୍ମାନ ଦେଖାଇ ନିଜେ ତାଙ୍କ ଆଖିରେ ପୁଟୁଳି ବାନ୍ଧି ଅନ୍ଧ ହୋଇ ମହାରାଣୀର କାର୍ଯ୍ୟ ତୁଲାଇଥିଲେ । ଏଣୁ ସେ ତାଙ୍କର ସ୍ୱାମୀଙ୍କୁ ଅବହେଳା ନକରି ଗୋଟିଏ ଆଦର୍ଶ ଓ କର୍ତ୍ତବ୍ୟ ପରାୟଣା ସ୍ତ୍ରୀର ପରିଚୟ ଦେଇ ପାରିଥିଲେ।

### ପାଠଗତ ପ୍ରଶ୍ନ ୩୨.୧

ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।

୧. ବୈଦିକ ଯୁଗର କେଉଁ ସମୟଟି ପ୍ରାକ୍ ବୈଦିକ ସମୟ ଭାବେ ପରିଚିତ ?



୨. ଦୁଇଟି ବିଖ୍ୟାତ୍ ମହାକାବ୍ୟର ନାମ ଲେଖ ।

୩. ଗାନ୍ଧାରୀଙ୍କୁ କେଉଁ ଜିନିଷ ଅନ୍ଧ ହେବା ପାଇଁ ବାଧ କରିଥିଲା ?

## ୩୨.୧.୩ ଜୈନ ଧର୍ମ ଓ ବୌଦ୍ଧ ଧର୍ମ ଯୁଗ (The period of Jainism and Buddhism)

ଉଭୟ ଜୈନ ଧର୍ମ ଓ ବୌଦ୍ଧ ଧର୍ମ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ କେତେକ ଧାର୍ମିକ ଆନ୍ଦୋଳନ ଯୋଗୁଁ ଜନ୍ମଲାଭ କରିଥିଲା । ବୈଦିକ ଯୁଗର ବର୍ଣ୍ଣବ୍ୟବସ୍ଥା ସମାଜକୁ ଭାଗ ଭାଗ କରିଥିଲା ଏବଂ ବ୍ରାହ୍ମଣମାନଙ୍କ ପ୍ରାଧାନ୍ୟକୁ ପ୍ରତିହତ କରିବା ପାଇଁ ଆନ୍ଦୋଳନାତ୍ମକ ରୂପ ନେଇ ବୌଦ୍ଧ ଧର୍ମ ଓ ଜୈନଧର୍ମ ଆବିର୍ଭାବ ହେଲା । ଜୈନଧର୍ମ, ହିନ୍ଦୁଧର୍ମରୁ ପୃଥକ ହୋଇ ଗୋଟିଏ ଧର୍ମରେ ପରିଣତ ହେଲା । ଜୈନମାନେ ଯଦିଓ ଭଗବାନଙ୍କ ଅସ୍ତିତ୍ୱକୁ ଗ୍ରହଣ କରିଥାନ୍ତି ତଥାପି ଭଗବାନ ମହାବୀରଙ୍କୁ (Jina) ଉଚ୍ଚ ଆସନର ଅଧିକାରୀ କରିଥାନ୍ତି । ଜୈନଧର୍ମ ସର୍ବପ୍ରଥମେ ବର୍ଣ୍ଣ ବ୍ୟବସ୍ଥାର ବିଲୋପ ଚାହିଁବା ସଂଗେ ସଂଗେ ବୈଦିକ ଧର୍ମର ରୀତିନୀତିକୁ ନାପସନ୍ଦ କଲା । ମହିଳାମାନେ ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେଲେ ଓ ପାରିବାରିକ ଜଞ୍ଜାଳରୁ ମୁକ୍ତି ପାଇ ସନ୍ନ୍ୟାସିନୀ ହେବାର ସୁଯୋଗ ପାଇଲେ । ଭଗବାନ ମହାବୀରଙ୍କ ସମୟରେ ବହୁ ସଂଖ୍ୟାରେ ମହିଳାମାନେ ସନ୍ନ୍ୟାସିନୀ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଜୈନ ସାହିତ୍ୟରେ ଦେଖାଯାଇଛି ଯେ ଅନେକ ମହିଳାମାନେ ତପସ୍ୱିନୀ ହୋଇ ଖ୍ୟାତି ଅର୍ଜନ କରିଛନ୍ତି । କିନ୍ତୁ ବୌଦ୍ଧଧର୍ମ ଭଗବାନଙ୍କ ଅସ୍ତିତ୍ୱକୁ ଓ ଆତ୍ମାକୁ ଗ୍ରହଣ କରିନଥାଏ । ଏହା ଭାରତର ଧର୍ମ ଇତିହାସ ପାଇଁ ଏକ ପ୍ରକାର ଆନ୍ଦୋଳନ ଥିଲା । ଏହା ଜନସାଧାରଣଙ୍କୁ ମୁଖ୍ୟତଃ ସମାଜର ନୀଚ ଶ୍ରେଣୀର ଲୋକଙ୍କୁ ବେଶ ପ୍ରଭାବିତ କରିଥିଲା ଯେହେତୁ ଏହା ବର୍ଣ୍ଣବ୍ୟବସ୍ଥାକୁ ବିରୋଧ କରୁଥିଲା । ବୌଦ୍ଧଧର୍ମ ମହିଳାମାନଙ୍କୁ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ଏବଂ ସଂଘର ସଦସ୍ୟ ହେବା ପାଇଁ ଆହ୍ୱାନ ଦେଇଥିଲା । ଅନେକ ମହିଳା ସନ୍ଥ (ତପସ୍ୱିନୀ)ମାନେ କେତେକ ଧର୍ମ ସମ୍ବନ୍ଧୀୟ ପ୍ରବନ୍ଧ ରଚନା କରିଥିଲେ ଯାହାକି ଥେରିଗଥା (Therigatha) ନାମରେ ପରିଚିତ ।

ପ୍ରାକ୍ ଋକବେଦ ସମୟରେ ମହିଳାମାନେ ଯେଉଁ ଉଚ୍ଚ ପ୍ରସ୍ଥିତିକୁ ଉପଭୋଗ କରି ଆସୁଥିଲେ ସେଗୁଡିକ ଧୀରେ ଧୀରେ ଖ୍ରୀଷ୍ଟପୂର୍ବ ୧୦୦୦ ଏବଂ ୫୦୦ ମଧ୍ୟରେ ବୈଦିକ ଯୁଗରେ କମିବାକୁ ଲାଗିଲା । ମହିଳାମାନେ ଘର ଭିତରେ ରହିବାକୁ ପସନ୍ଦ କଲେ । କେତେକ ସାମାଜିକ ମୂଲ୍ୟବୋଧ କଟକଣା ଯଥା- ବିଶୁଦ୍ଧତା ଓ ଅବିଶୁଦ୍ଧତା ଯୋଗୁଁ ସେମାନଙ୍କୁ କିଛି ସମୟ ପାଇଁ ଅବିଶୁଦ୍ଧତା ଘୋଷଣା କରାଯାଇଥାଏ । ସେମାନଙ୍କୁ ସେହିସମୟ ପାଇଁ କେତେକ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମରୁ ଦୂରେଇ ରଖାଯାଇଥିଲା । ପୁରୁଷମାନଙ୍କୁ ପ୍ରାଧାନ୍ୟ ଦିଆଯିବା ସଙ୍ଗେ ଉତ୍ତରାଧିକାରୀ ଭାବେ ପୁଅମାନଙ୍କୁ ପୈତୃକ ସମ୍ପତ୍ତିର ଅଧିକାରୀ କରାଯାଉଥିଲା । ଯେତେବେଳେ ଅର୍ଥନୈତିକ ଓ ସାମାଜିକ ପ୍ରସ୍ଥିତି ପୁଅମାନଙ୍କର ବଢିବାକୁ ଲାଗିଲା, ସେତେବେଳେ ନାରୀମାନଙ୍କ ପ୍ରସ୍ଥିତିରେ ଅବନତି ଦେଖାଦେଲା ।



ଆମର ଦୃଢ ବିଶ୍ୱାସ ଯେ କେବଳ ଜଣେ ପୁଅ ତାର ପିତାମାତାଙ୍କୁ ପୁନର୍ଜନ୍ମ ପାଇଁ ଉଦ୍ଧାର କରିଥାଏ । ଯେହେତୁ ଜଣେ ଝିଅ ତାର ବିବାହ ପରେ ପିତୃଗୃହ ପରିତ୍ୟାଗ କରିଥାଏ ଏବଂ ଜଣେ ପୁଅକୁ ତାର ବୃଦ୍ଧ ପିତାମାତାଙ୍କୁ ସେବା କରିବାକୁ ପଡିଥାଏ ତେଣୁ ସମାଜରେ ଝିଅ ଅପେକ୍ଷା ପୁଅକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା ।

ଏଣୁ ଜଣେ ମହିଳାକୁ ଘରର ଚାରିକୋଣ ଭିତରେ ରହିବାକୁ ପଡୁଥିଲା ଏବଂ ତାର ମୁଖ୍ୟ ଦାୟିତ୍ୱ ଓ କାର୍ଯ୍ୟ ଥିଲା ସନ୍ତାନ ସନ୍ତତି ଜନ୍ମଦେଇ ଲାଳନ ପାଳନ କରି ବଂଶ ରକ୍ଷା କରିବା । ଅନ୍ୟପକ୍ଷରେ ଜଣେ ପୁରୁଷ ସବୁ କ୍ଷେତ୍ରରେ ତାର ଅଧିକାର ଜାହିର କରୁଥିଲା ଏବଂ ସ୍ତ୍ରୀ ସନ୍ତାନ ପାଇଁ ସକ୍ଷମ ନହେଲେ ଦ୍ୱିତୀୟ ବିବାହ ମଧ୍ୟ କରୁଥିଲା । ତେଣୁ ଜଣେ ମହିଳାକୁ ପୁରୁଷର ଅଧୀନରେ ରହିବାକୁ ପଡୁଥିଲା ଓ ଶିକ୍ଷାରୁ ତାକୁ ବଞ୍ଚିତ କରାଯାଉଥିଲା । କିନ୍ତୁ ଋକ୍‌ବେଦ ପରବର୍ତ୍ତୀ ସମୟରେ ନାରୀମାନଙ୍କ ପ୍ରସ୍ଥିତିରେ ଅନେକ ଅବନତି ଦେଖାଦେଲା । ତଥାପି କେତେକ ମହାନ ମହିଳା ଯଥା-ଗାର୍ଗି ଏବଂ ମୈତ୍ରୀ ଏହି ସମୟରେ ଶିକ୍ଷା ପ୍ରତି ପାରଦର୍ଶିତା ଦେଖେଇଥିଲେ । ଆଉ କେତେକ ମହିଳା ମଧ୍ୟ ବେଦ ଅଧ୍ୟୟନ କରିବା ଓ ବିଭିନ୍ନ ବିଧିବିଧାନ କାର୍ଯ୍ୟ କରିଥିବାର ଜଣାଯାଏ । ଏହାସତ୍ତ୍ୱେ କାଳକ୍ରମେ ମହିଳାମାନଙ୍କ ପ୍ରସ୍ଥିତିରେ ଅବନତି ଦେଖାଦେଲା ଯାହାକି ଧର୍ମଶାସ୍ତ୍ର ଯୁଗରେ ଏହା ଚରମ ସୀମାରେ ପହଞ୍ଚିଥିଲା ।

### ୩୨.୧.୪ ଧର୍ମଶାସ୍ତ୍ର ଯୁଗ

ଧର୍ମଶାସ୍ତ୍ର ଯୁଗ ସମୟରେ ସମସ୍ତଙ୍କ ପାଇଁ ଏପରିକି ମହିଳାମାନଙ୍କ ପାଇଁ ମଧ୍ୟ ଆଚରଣ ବିଧି ଯାହାକି ଖ୍ରୀଷ୍ଟପୂର୍ବ ୫୦୦-୨୦୦ ମଧ୍ୟରେ ଲାଗୁ ହୋଇଥିଲା । ଏହି ସମୟଟି ମହିଳାମାନଙ୍କୁ ଅର୍ଥନୈତିକ ଓ ଧାର୍ମିକ କ୍ଷେତ୍ରରୁ ଦୂରେଇ ରଖିଥିଲା । ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରୁ ଦୂରେଇ ରଖାଯାଉଥିଲା । ତେଣୁ ସେମାନଙ୍କୁ ସବୁ କ୍ଷେତ୍ରରେ ପୁରୁଷମାନଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ସେତେବେଳେ ସମସ୍ତଙ୍କ ଧାରଣା ଥିଲା ଯେ ମହିଳାମାନେ ପୁରୁଷମାନଙ୍କଠୁ ନ୍ୟୁନ । ସେଥିପାଇଁ ଧାର୍ମିକ ରୀତିନୀତିରେ ସେମାନଙ୍କୁ ଦୂରେଇ ରଖାଯାଇଥିଲା ।

ଧର୍ମଶାସ୍ତ୍ର ରଚିତ ଓ ନିର୍ଦ୍ଦେଶିତ ଆଚରଣବିଧି କେବଳ ଯେ ପରିବାରରେ ସୀମିତ ନଥିଲା । ଏହା ମଧ୍ୟ ସାମାଜିକ କ୍ଷେତ୍ରରେ ପ୍ରଯୁଜ୍ୟ ଥିଲା ଏବଂ ଏହାକୁ ଅମାନ୍ୟ କଲେ ଦଣ୍ଡବିଧାନର ମଧ୍ୟ ବ୍ୟବସ୍ଥା ଥିଲା । ଏହି ସମୟର ଦୁଇଟି ମୁଖ୍ୟ ଆଇନ୍ ବିଧି ହେଲା- ମନସ୍ମୃତି ଓ ଜାଜ୍ଞବଲ୍କସ୍ମୃତି । ମନୁସ୍ମୃତି ଅନୁଯାୟୀ ଜଣେ ମହିଳା ତା ଜୀବନର କୌଣସି ସମୟରେ କୌଣସି ପ୍ରକାରର ସ୍ୱାଧୀନତା ପାଇବାର ଅଧିକାର ନାହିଁ । ଯାହାକୁ ସେ "ନାସ୍ତୀ ସ୍ୱତନ୍ତ୍ରମ୍ ରହତି'' ବୋଲି କହୁଥିଲେ । ମନୁ କହିଥିଲେ ଯେ ଜଣେ ସ୍ତ୍ରୀ ବାଲ୍ୟକାଳରେ ତାର ବାପାଙ୍କ ଉପରେ, ଯୁବତୀ କାଳରେ ସ୍ୱାମୀଙ୍କ ଉପରେ ଓ ବୃଦ୍ଧା କାଳରେ ସନ୍ତାନ ଉପରେ ନିର୍ଭର କରିଥାଏ । ଏହା ସେ କାଳରେ ମନୁଙ୍କର କେବଳ ଏକ ମନ୍ତବ୍ୟ ନଥିଲା ବରଂ ବିଧିବଦ୍ଧ ଭାବରେ ସମାଜରେ ପାଳନ ମଧ୍ୟ କରାଯାଉଥିଲା ।



ପୁନଶ୍ଚ ମନୁ କହିଥିଲେ ଯେ ଯେଉଁଠି ମହିଳାମାନଙ୍କୁ ସମ୍ମାନ ଦିଆଯାଏ ସେଠାରେ ଭଗବାନ ସବୁବେଳେ ସନ୍ତୁଷ୍ଟ ଥାଆନ୍ତି । ଅବଶ୍ୟ ତାଙ୍କର ଏହି ଘୋଷଣା କେତେକ ସ୍ଥାନରେ ବାଦ ପ୍ରତିବାଦ (contradiction) ଆଣିଥିଲା ।

ଅନ୍ୟଦିଗରେ ଯାଜ୍ଞବଲ୍କ କହିବା ଅନୁଯାୟୀ ଯେଉଁ ପିତାମାତା ସେମାନଙ୍କ ଝିଅମାନଙ୍କୁ ବିବାହ ଠିକ୍ ସମୟରେ ଦେଇ ପାରନ୍ତି ନାହିଁ; ସେମାନେ ଏକ ବଡ଼ ପାପ କରିଥାନ୍ତି, ଯାହାର କ୍ଷମା ନାହିଁ । ଧର୍ମଶାସ୍ତ୍ର ଅନୁସାରେ ଯଦି ଜଣେ ମହିଳା ବିବାହ କାର୍ଯ୍ୟରୁ ବଞ୍ଚିତ ହୁଏ ତା'ହେଲେ ତାର ମୋକ୍ଷ ପ୍ରାପ୍ତି ହୁଏ ନାହିଁ । ଏଣୁ ବିବାହ, ମହିଳାମାନଙ୍କ ପାଇଁ ଅନିବାର୍ଯ୍ୟ ଥିଲା । ଠିକ୍ ସମୟରେ ମହିଳାମାନଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହେଲେ କୌଣସି ସାମାଜିକ କଟକଣା ନଥିଲା । ଧର୍ମଶାସ୍ତ୍ର ସମୟରେ ବାଲ୍ୟବିବାହ ବ୍ୟବସ୍ଥାକୁ ଉତ୍ସାହିତ କରାଯାଉଥିଲା । କିନ୍ତୁ ବିଧବା ବିବାହ ନଥିଲା । ଝିଅଜନ୍ମ ପରିବାର ପାଇଁ ଏକ ଅଭିଶାପ ଥିଲା ଏଣୁ ଅନେକ ପିତାମାତା ସେମାନଙ୍କ ଶିଶୁକନ୍ୟାକୁ ହତ୍ୟା କରିବାକୁ ମଧ୍ୟ ପଛୋଉନଥିଲେ । ବିଧବା ସ୍ତ୍ରୀମାନେ ସତୀଦାହ ପ୍ରଥା ଭଳି ଏକ ଘୃଣ୍ୟପ୍ରଥାର ଶିକାର ହେଉଥିଲେ । ଏଣୁ ଧର୍ମଶାସ୍ତ୍ର ସମୟରେ ନାରୀମାନଙ୍କ ସ୍ଥିତି ସମ୍ପୂର୍ଣ୍ଣ ଭାବରେ ଅତି ନୀଚ ସ୍ତରରେ ଥିଲା । ମହିଳାମାନଙ୍କୁ ସବୁବେଳେ ସମ୍ପୂର୍ଣ୍ଣ ଭାବେ କାହାରି ଅଧୀନରେ ରହିବାକୁ ପଡୁଥିଲା ଏବଂ ସମସ୍ତ ସ୍ୱାଧୀନତାରୁ ବଞ୍ଚିତ କରାଯାଇଥିଲା । ମହିଳାମାନଙ୍କ ଏହି ଅବସ୍ଥା, ଉଣା ଅଧିକେ ପ୍ରାୟ ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଥିଲା । କିନ୍ତୁ କାଳକ୍ରମେ ବିଭିନ୍ନ ସାମାଜିକ ସଂସ୍କାର ମୂଳକ ଆନ୍ଦୋଳନ ଯୋଗୁଁ ସେମାନଙ୍କ ପ୍ରସ୍ଥିତିରେ ସୁଧାର ଆସିବାକୁ ଲାଗିଲା ।

## ପାଠଗତ ପ୍ରଶ୍ନ ୩୨.୨

ନିମ୍ନଲିଖିତ ବାକ୍ୟଗୁଡିକ ଠିକ୍ କି ଭୁଲ ଅଛି ଲେଖ ।

୧. ଧର୍ମଶାସ୍ତ୍ର ଆଚରଣବିଧି ନିର୍ଦ୍ଦେଶିତ କରିଥିଲେ ।

ଠିକ୍ ଭୁଲ

୨. ଯଗନ ଯାଜ୍ଞବଲ୍କ, ଜଣେ ନାରୀ ତା ଜୀବନରେ କୌଣସି ସମୟରେ କୌଣସି ପ୍ରକାରର ସ୍ୱାଧୀନତା ପାଇବାର ହକ୍‌ଦାର ନୁହେଁ ବୋଲି କହିଥିଲେ ।

ଠିକ୍ ଭୁଲ

୩. ବୌଦ୍ଧ ଧର୍ମ ମହିଳାମାନଙ୍କୁ ଧାର୍ମିକ କାର୍ଯ୍ୟକଳାପ ପାଇଁ ଅନୁମତି ଦେଉନଥିଲା ।

ଠିକ୍ ଭୁଲ

୪. ବୈଦିକ ଯୁଗର ପରବର୍ତ୍ତୀ ସମୟରେ ନାରୀର ପ୍ରସ୍ଥିତିରେ ଅବନତି ଘଟିଥିଲା ।

ଠିକ୍ ଭୁଲ



## ୩୨.୨. ମଧ୍ୟଯୁଗ (Medieval period)

ଏକାଦଶ ଶତାବ୍ଦୀରେ ଇସଲାମ୍‌ଧର୍ମର ଆବିର୍ଭାବ ଅବହେଳିତ ଗୋଷ୍ଠୀ ପାଇଁ କିଛିଟା ଆଶା ସଞ୍ଚାର କରିଥିଲା, କିନ୍ତୁ ଏହା ମଧ୍ୟ ମୂଲ୍ୟବୋଧ, ଚାଲିଚଳନ ଓ ରୀତିନୀତିରେ କେତେକ କଟକଣା ଘୋଷଣା କଲା ଯାହାକି ନାରୀର ପ୍ରସ୍ଥିତିକୁ ଉନ୍ନତି କରିବାରେ ସାହାଯ୍ୟ କରିନଥିଲା । ସେମାନଙ୍କ ପରଦା ବ୍ୟବସ୍ଥା ଯାହାକି ସୀମିତ ଥିଲା ତାହା ମୁସଲମାନଙ୍କ ବ୍ୟତିତ ଅନ୍ୟ ଗୋଷ୍ଠୀଗୁଡିକୁ ମଧ୍ୟ ବ୍ୟାପିବାକୁ ଲାଗିଲା । ଉଚ୍ଚ ଜାତିର ଏହି ପ୍ରଥାଗୁଡିକ ପରେ ଉଚ୍ଚଜାତି ଅର୍ଥାତ୍ ସମସ୍ତ ହିନ୍ଦୁ ପ୍ରଥାକୁ ଗ୍ରହଣ କରିବାକୁ ଲାଗିଲେ । ଏହାପରେ ନୀଚ ଜାତିର ଲୋକେ ମଧ୍ୟ ଉଚ୍ଚ ଜାତିର ପ୍ରଥାଗୁଡିକ ଗ୍ରହଣ କଲେ । ଏଣୁ ଧୀରେ ଧୀରେ ପୃଥିବୀର ସମସ୍ତ ମୁସଲମାନ ମହିଳାମାନେ ପରଦା ବ୍ୟବସ୍ଥାକୁ ଗ୍ରହଣ କଲେ ।

ବିବାହ ମୁସଲମାନମାନଙ୍କ ମଧ୍ୟରେ ଏକ ଚୁକ୍ତି ଥିଲା ଏବଂ ଜଣେ ପୁରୁଷ ପାଖରେ ତାର ସ୍ତ୍ରୀକୁ ଉଚ୍ଛେଦ କରିବାର ସମସ୍ତ ଅଧିକାର ଥିଲା । ବିବାହ ଉଚ୍ଛେଦ ପରେ ସ୍ତ୍ରୀର ଚଳିବା ପାଇଁ କୌଣସି ପ୍ରକାର ବ୍ୟବସ୍ଥା ନଥିଲା । ଏଣୁ ତାକୁ ବହୁତ ଦୁଃଖ କଷ୍ଟରେ ଜୀବନ କାଟିବାକୁ ପଡୁଥିଲା । ମୁସଲମାନଙ୍କ ବିବାହ, ବିଚ୍ଛେଦ ଓ ଉତ୍ତରାଧିକାରୀ ଚୟନ ଇତ୍ୟାଦି ସବୁକିଛି "ମୁସଲମାନ୍ ପରସ୍‌ନାଲ ଲ" ବା ସାରିୟାତ (Shariat)ରେ ଲିପିବଦ୍ଧ ହୋଇଅଛି । ସାରିୟାତ ଆଇନ ମୁସଲମାନମାନଙ୍କ ପାରିବାରିକ ଜୀବନରେ ବଳବତ୍ତର ଅଛି କାରଣ ଏ ପର୍ଯ୍ୟନ୍ତ ଏକ ସର୍ବସାଧାରଣ ଆଇନ ପ୍ରସ୍ତୁତ ହୋଇପାରି ନାହିଁ । ଏହାର ମୁଖ୍ୟ କାରଣ ହେଲା- ଏପର୍ଯ୍ୟନ୍ତ ବହୁ ମୁସଲମାନ ମହିଳା ଉପଯୁକ୍ତ ଶିକ୍ଷା ହାସଲରୁ ବଞ୍ଚିତ ଏବଂ ସେମାନଙ୍କୁ ପୁରୁଷଙ୍କ ଅଧୀନରେ ଚଳିବାକୁ ପଡୁଛି ।

ମଧ୍ୟଯୁଗରେ ବହୁପତ୍ନୀ ବିବାହ, ସତୀପ୍ରଥା, ବାଲ୍ୟ ବିବାହ ଏବଂ ଧର୍ମଶାସ୍ତ୍ର ଯୁଗରୁ ପ୍ରଚଳିତ ଥିବା ବିଧବାଙ୍କର ଅଧୋଗତି ଇତ୍ୟାଦି ବ୍ୟବସ୍ଥା ପ୍ରଚଳିତ ଥିଲା । କିନ୍ତୁ ପୁରୋହିତ ଶ୍ରେଣୀର ଲୋକେ ଏଗୁଡିକର ଭିନ୍ନ ଅର୍ଥ ବାହାର କରୁଥିଲେ ଓ ଏହା ଧର୍ମ ଅନୁଯାୟୀ ଗ୍ରହଣଯୋଗ୍ୟ ବୋଲି ବିଚାର କରୁଥିଲେ । ଯେହେତୁ ମହିଳାମାନଙ୍କର ଶିକ୍ଷାଗ୍ରହଣର ଅଧିକାର ନଥିଲା ଏବଂ ବାହ୍ୟ ଜଗତରୁ ସବୁବେଳେ ଦୂରେଇ ରହୁଥିଲେ ସେମାନେ ପ୍ରକୃତ ଘଟଣା ବା ବ୍ୟବସ୍ଥା ପ୍ରତି ପ୍ରଶ୍ନ କରି ପାରୁନଥିଲେ ।

## ୩୨.୩ ଆଧୁନିକ ଯୁଗ (The Modern Age)

ଆଧୁନିକ ଯୁଗ ଉନବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିଲା । ଇଂରେଜମାନେ ୧୬୦୦ ମସିହାରେ ଭାରତକୁ ଆସିଥିଲେ । ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ଇଷ୍ଟ ଇଣ୍ଡିଆ କମ୍ପାନୀ (The East India Company) ପ୍ରଚଳିତ ଥିବା ସାମାଜିକ ଅସମାନତା କିମ୍ବା ସାମାଜିକ ଘୃଣା

ଭାବ ଇତ୍ୟାଦି ପ୍ରତି କୌଣସି ପ୍ରଶ୍ନ ଉଠାଇନଥିଲା । ସାମାଜିକ ବ୍ୟାଧି (Social Evils) ଯଥା ସତୀପ୍ରଥା, ବିଧବାଙ୍କ ଅବସ୍ଥା, ନାରୀକୁ ଶିକ୍ଷାର ଅଧିକାର ନଦେବା, ବାଲ୍ୟ ବିବାହ ଇତ୍ୟାଦିକୁ ନିୟନ୍ତ୍ରଣ କରାଯାଇ ପାରିନଥିଲା, କିନ୍ତୁ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ସାମାଜିକ ପରିବର୍ତ୍ତନର ମୂଳଦୁଆ ପଡିଲା ଏବଂ ଏହି ସମୟରେ ଉଭୟ ଇଂରେଜ ଶାସକ ଓ ଭାରତର ଚିନ୍ତାଶୀଳ ସମାଜ ସଂସ୍କାରକ ଏହି ସାମାଜିକ ବ୍ୟାଧିଗୁଡିକର ପୂର୍ଣ୍ଣଚ୍ଛେଦ ପାଇଁ ଚେଷ୍ଟା କଲେ ।

ଆଧୁନିକ ଯୁଗ ମୁଖ୍ୟତଃ ଦୁଇଟି ସମୟରେ ଗତି କରିଥିଲା, ସେଗୁଡିକ ହେଲା :

୧. ଇଂରେଜ ଶାସନ ବ୍ୟବସ୍ଥା (୧୮୦୦-୧୯୪୭ ପର୍ଯ୍ୟନ୍ତ)

୨. ଭାରତ ସ୍ୱାଧୀନତାର ପରବର୍ତ୍ତୀ ସମୟ (୧୯୪୭ରୁ ଏପର୍ଯ୍ୟନ୍ତ)

### ୩୨.୩.୧ ଇଂରେଜ ଶାସନକାଳ (The British period)

ସର୍ବପ୍ରଥମେ ଇଂରେଜ ଶାସକମାନେ ୧୮୨୯ ମସିହାରେ ସତୀଦାହ ପ୍ରଥାକୁ ବନ୍ଦ କରିଥିଲେ । ସେ କାଳରେ ଜଣେ ବିଧବା ସ୍ତ୍ରୀକୁ ତା ସ୍ୱାମୀର ଜଳୁଥିବା ଚିତାରେ ଝାସ ଦେବାକୁ ପଡୁଥିଲା । ବିଖ୍ୟାତ ସମାଜ ସଂସାରକ ରାଜା ରାମମୋହନ ରାୟ ସତୀଦାହ ପ୍ରଥା ବିରୋଧକୁ ସମର୍ଥନ କରି ଗଭର୍ଣ୍ଣର ଜେନେରାଲ ଲର୍ଡ ବେଣ୍ଟିକ "ସତୀ ପ୍ରତିରୋଧ ଆଇନ" ପ୍ରଣୟନ କଲେ । ଏହାପରେ ଧର୍ମ ମୌଳବାଦୀ ଏବଂ ପରମ୍ପରାବାଦୀମାନେ (Fundamentalists and Traditionalists) ଏହି ଆଇନକୁ ଦୃଢ ପ୍ରତିରୋଧ କଲେ ଓ ଇଂରେଜ ସରକାର ଧର୍ମଦ୍ୱାରା ସ୍ୱୀକୃତପ୍ରାପ୍ତ ପ୍ରଥାଗୁଡିକରେ ଅଯଥା ହସ୍ତକ୍ଷେପ କରୁଛି ବୋଲି କହିଲେ । ଏହି ଆଇନ ବିରୁଦ୍ଧରେ ଅନେକ ସ୍ୱର ଉତ୍ତୋଳନ କଲେ, କିନ୍ତୁ ଇଂରେଜ ସରକାର ଏହି ଆଇନକୁ ବାତିଲ କରିନଥିଲେ । କିନ୍ତୁ ସେତେବେଳେ ଇଚ୍ଛା ମୁତାବକ ସତୀ ଓ ବାଧ୍ୟତାମୂଳକ ସତୀ ମଧ୍ୟରେ ପାର୍ଥକ୍ୟ ଦେଖାଦେଲା । ଏହା ସତ୍ତ୍ୱେ ସତୀ ପ୍ରଥାକୁ ଏକ ପୂର୍ଣ୍ଣଚ୍ଛେଦ ଦେବା ପାଇଁ ଏହି ଆଇନ୍ ସହାୟକ ହୋଇପାରିନଥିଲା । ସେତେବେଳେ ନାରୀ ଶିକ୍ଷାର ଅଭାବ ଯୋଗୁଁ ଓ ବିଧବା ବିବାହ ବନ୍ଦ ଯୋଗୁଁ ଯେଉଁମାନେ ସତୀଦାହ ପ୍ରଥାରୁ ବଞ୍ଚିଯାଇଥିଲେ ସେମାନଙ୍କୁ ଅନେକ ଦୁଃଖ କଷ୍ଟରେ ରହିବାକୁ ପଡୁଥିଲା । ଏଣୁ ଅନେକ ବିଧବା ମରିବା ପାଇଁ ଶ୍ରେୟ ମଣୁଥିଲେ କାରଣ ସେମାନଙ୍କ ବଞ୍ଚିବାର କୌଣସି ଅର୍ଥ ନଥିଲା ।

ଏହାପରେ ପଶ୍ଚିମବଙ୍ଗର ବିଖ୍ୟାତ୍ ସମାଜ ସଂସାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବିଧବା ବିବାହ କ୍ଷେତ୍ରରେ କଟକଣାଗୁଡିକ ଉଠାଇବା ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଏଣୁ ତାଙ୍କର ପ୍ରଚେଷ୍ଟା ଫଳରେ ବିଧବା ପୁନର୍ବିବାହ ଆଇନ ୧୮୫୬ ଆଇନରେ ପରିଣତ ହେଲା । ଯଦିଓ ସେତେବେଳେ ଏହା କିଛି ଫଳପ୍ରଦ ହୋଇନଥିଲା, ତଥାପି ଗୋଟିଏ ପୁରୁଣା ସାମାଜିକ ସମସ୍ୟାର ସମାଧାନର ବାଟ ଫିଟାଇଥିଲା । ସାମାଜିକ ସ୍ୱୀକୃତି ମଧ୍ୟ ହଠାତ୍ ବିଧବା ପୁର୍ନବିବାହକୁ ମିଳିନଥିଲା । ଏଥିପାଇଁ ବିଦ୍ୟାସାଗରଙ୍କୁ ଧାର୍ମିକ ମୌଳବାଦୀଙ୍କର ରୋଷର କାରଣ ହେବାକୁ ପଡିଥିଲା ।



ଏପରିକି ତାଙ୍କୁ ମାଡ ମଧ୍ୟ ଦିଆଯାଇଥିଲା । କିନ୍ତୁ ବିଦ୍ୟାସାଗର ତିଳେମାତ୍ର ଏହାକୁ ଖାତିର ନକରି ଆଗକୁ ବଢି ଚାଲିଥିଲେ । ଏହାଛଡ଼ା ନାରୀ ଶିକ୍ଷାର ପ୍ରସାର ପାଇଁ ବିଦ୍ୟାସାଗରଙ୍କ ଅବଦାନ ଅତୁଳନୀୟ ।

ପଶ୍ଚିମବଙ୍ଗରେ ଆରମ୍ଭ ହୋଇଥିବା ଏହି ସାମାଜିକ ସଂସ୍କାର ଆନ୍ଦୋଳନ ଭାରତର ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିବାକୁ ଲାଗିଲା । ମହାରାଷ୍ଟ୍ରର ଜ୍ୟୋତିବାଫୁଲେ ମହିଳାମାନଙ୍କ ବିଭିନ୍ନ ସମସ୍ୟା ପାଇଁ ସେ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ । ସେ ୧୮୪୮ ମସିହାରେ ପ୍ରଥମ ବାଳିକା ବିଦ୍ୟାଳୟ ଏବଂ ୧୮୫୨ ମସିହାରେ ପ୍ରଥମ ଦଳିତ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ । ସେ ମଧ୍ୟ ବିଧବା ବିବାହକୁ ସମର୍ଥନ କରୁଥିଲେ ଏବଂ ବିଧବାମାନଙ୍କ ସନ୍ତାନଙ୍କ ପାଇଁ ଘର ତିଆରି କରିଥିଲେ । ଏହାଛଡ଼ା ମହର୍ଷି କାରଭେଙ୍କ ଇଚ୍ଛାଶକ୍ତି ଏବଂ ପ୍ରଚେଷ୍ଟା ଫଳରେ ଅନେକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା ଯାହା ଫଳରେ ମହାରାଷ୍ଟ୍ରରେ ନାରୀ ଶିକ୍ଷା ବେଶ୍ ସଫଳତା ହାସଲ କରିଥିଲା । ଏହି ସମୟଟି ଦେଶର ଅନେକ ଭାରତୀୟ ଉଦାରତା ଓ ମାନବିକତାର କାର୍ଯ୍ୟଗୁଡ଼ିକୁ ଦେଖିପାରିଥିଲା ।

ଏତଦ୍‌ବ୍ୟତୀତ ଇଂରେଜ ଶାସନ କାଳରେ ଆଉ କେତେକ ଆଇନ ମଧ୍ୟ କାର୍ଯ୍ୟକାରୀ ହୋଇଥିଲା । ସେଥିମଧ୍ୟରୁ ବାଲ୍ୟବିବାହ ବାରଣ ଆଇନ୍ ୧୯୨୯ । ସେତେବେଳେ ଅତି ଛୋଟ ପିଲାମାନଙ୍କର ବିବାହ (Infant Marriages) ମଧ୍ୟ ଦେଖାଯାଉଥିଲା । ୧୯୨୯ ଆଇନଟି ଝିଅମାନଙ୍କ ପାଇଁ ସର୍ବନିମ୍ନ ବୟସ ୧୪ ବର୍ଷ ଓ ପୁଅଙ୍କ ପାଇଁ ୧୮ ବର୍ଷ ବୟସ ନିର୍ଦ୍ଧାରିତ କରିଥିଲା । ହରବିଲ୍ସ ଦାସ ସାରଦା ଏହି ସଂସ୍କାର କାର୍ଯ୍ୟର ମୁଖ୍ୟ ଥିବା ହେତୁ ଏହା "ସାରଦା ଆଇନ" ନାମରେ ନାମିତ ହୋଇଥିଲା । କିନ୍ତୁ ୧୯୭୬ ମସିହାରେ ଅନୁମୋଦିତ ହୋଇ ଥିବା ବାଲ୍ୟ ବିବାହ ବାରଣ (ପରିବର୍ତ୍ତନ) ଆଇନ ଯୋଗୁଁ ବର୍ତ୍ତମାନ ଝିଅମାନଙ୍କ ବିବାହ ବୟସ ୧୮ ବର୍ଷ ଓ ପୁଅମାନଙ୍କ ୨୧ ବର୍ଷ ହୋଇଅଛି ।

ଏକ ବିଂଶଶତାବ୍ଦୀର ପ୍ରାକ୍-ସ୍ୱାଧୀନତା ସମୟଟି ମଧ୍ୟ ବିଭିନ୍ନ କାରଣରୁ ବେଶ ଗୁରୁତ୍ୱପୂର୍ଣ୍ଣ । ସ୍ୱାଧୀନତା ଆନ୍ଦୋଳନ ପାଇଁ ବହୁ ସଂଖ୍ୟାରେ ମହିଳାମାନଙ୍କ ଯୋଗଦାନ କେବଳ ଯେ ସେମାନଙ୍କ ସାହସକୁ ସୂଚାଇନଥିଲା, ସେମାନଙ୍କ ଦକ୍ଷତାକୁ ମଧ୍ୟ ପ୍ରତିପାଦନ କରୁଥିଲା । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ମହିଳାମାନେ ବାଲ୍ୟବିବାହ ଓ ଯୌତୁକ ପ୍ରଥା ବିରୁଦ୍ଧରେ ଦେଶସାରା ଆନ୍ଦୋଳନ କରିଥିଲେ । ଗାନ୍ଧିଜୀଙ୍କ ଭାଷାରେ "ସାମାଜିକ ସଂସ୍କାରଗୁଡ଼ିକ ବିନା, ସ୍ୱରାଜର କୌଣସି ଅର୍ଥ ବା ମୂଲ୍ୟ ନଥାଏ ।" ଇଂରେଜ ଶାସନ କାଳରେ ଲିଙ୍ଗ ଭେଦର ଅସମାନତା ଦୂର କରି ନାରୀର ସ୍ୱାଧୀନତା ପାଇଁ ଅନେକଗୁଡ଼ିଏ ଆଇନ ପ୍ରଣୟନ କରାଯାଇଥିଲା । ଯଦିଓ ଏଗୁଡ଼ିକ ବହୁଳ ଭାବରେ ପ୍ରସାର ହୋଇପାରିନଥିଲା, ତଥାପି ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ଦେବା ପାଇଁ ସବୁ ସ୍ତରରେ ସମସ୍ତେ ଆଗ୍ରହ ପ୍ରକାଶ କରିଥିଲେ । କିନ୍ତୁ ଭାରତର ସ୍ୱାଧୀନତା ମହିଳାମାନଙ୍କ ବିକାଶ ପାଇଁ ଅନେକ ଆଶା ଆଣି ଦେଇଥିଲା ।



## ପାଠଗତ ପ୍ରଶ୍ନ ୩୨.୩

ସଠିକ୍ ଉତ୍ତର ଲେଖ ।

୧. କେଉଁବର୍ଷ ଇଂରେଜ ସରକାର 'ସତୀ' ପ୍ରଥା ନିରେରାଧ ଆଇନ୍ ପ୍ରଣୟନ କରିଥିଲେ ।

(କ) ୧୮୨୯ (ଖ) ୧୮୩୦

(ଗ) ୧୮୫୬ (ଘ) ୧୮୮୦

୨. କେଉଁ ସମାଜ ସଂସ୍କାରକଙ୍କ ନାମ ବାଲ୍ୟ ବିବାହ ଆଇନ ୧୯୨୯ ମସିହା ସଙ୍ଗେ ଜଡିତ ।

(କ) ହରବିଲ୍ ଦାସ ସାରଦ (ଖ) ଦୟାନନ୍ଦ ସରସ୍ୱତୀ

(ଗ) ଈଶ୍ୱରଚନ୍ଦ୍ର ବିଦ୍ୟାସାଗର (ଘ) ରାଜା ରାମମୋହନ ରାୟ

୩. "ସମାଜ ସଂସ୍କାର ବିନା ସ୍ୱରାଜ"ର କିଛି ଅର୍ଥ ନାହିଁ ବୋଲି କିଏ କହିଥିଲେ ?

(କ) ଗାନ୍ଧିଜୀ (ଖ) ଲୋକମାନ୍ୟ ତିଳକ

(ଗ) ଜି.କେ. ଗୋଖେଲ (ଘ) ସର୍ଦ୍ଦାର ପଟେଲ

୪. ମହାରାଷ୍ଟ୍ରରେ କିଏ ପ୍ରଥମେ ଦଳିତ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ ।

(କ) ମହର୍ଷି କାରଭେ (ଖ) ଜ୍ୟୋତିବାଫୁଲେ

(ଗ) ଡ. ବି.ଆର. ଆମ୍ବେଦକର (ଘ) ପଣ୍ଡିତ ରାମବାଇ

## ୩୨.୩.୨ ସ୍ୱାଧୀନତା ପରବର୍ତ୍ତୀ ସମୟ (The period After Independence)

ଭାରତ ସ୍ୱାଧୀନତା ହାସଲ କରିବା ପରେ ଭାରତୀୟ ସମ୍ବିଧାନ ପ୍ରସ୍ତୁତ ହେଲା ଏବଂ ପୁରୁଷ ଓ ମହିଳାମାନଙ୍କୁ ସମାନ ଭାବରେ ବିଚାର କରିବା ପାଇଁ ଚିନ୍ତା କରାଗଲା । ଏହି ସମ୍ବିଧାନର ଧାରା ୧୪ ଅନୁସାରେ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ଓ ସୁବିଧା ସୁଯୋଗ ଦେବାପାଇଁ କୁହାଗଲା । ଧାରା ୧୫(୧) ଅନୁଯାୟୀ ପୁରୁଷ ଓ ମହିଳାମାନଙ୍କ କ୍ଷେତ୍ରରେ କୌଣସି ଧରଣର ପ୍ରଭେଦକୁ ବାରଣ କରାଗଲା । ପୁନଶ୍ଚ, ସମ୍ବିଧାନର ଧାରା ୧୫(୩)ରେ ଲେଖାଅଛି ଯେ ରାଜ୍ୟଗୁଡିକ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ଗ୍ରହଣ କରିପାରିବେ । ଆହୁରି ମଧ୍ୟ ଧାରା ୧୬ (୨) ଅନୁଯାୟୀ ସରକାରୀ ଦପ୍ତରରେ କାର୍ଯ୍ୟ କରିବା ପାଇଁ କୌଣସି ଭାରତୀୟ